# Akashvani, Sambalpur

## SAMBALPURI NEWS BULLETIN

### 1 June 2024- 6.47- 6.52 am.

******************************************************

୭ ନମ୍ବର୍ ଖେପ୍ ନିର୍ବାଚନ୍- ପ୍ରଚାର୍ ଶେଷ୍

ଆର୍ଏନ୍ୟୁ ସମ୍ବଲପୁର

ରାଏଜେ ଶେଷ୍ ଖେପ୍ ନିର୍ବାଚନ୍ ଲାଗି ଆଉ କିଛି ସମିଆ ଉତ୍ରୁ ଭୋଟ୍ ନିଆଯିବା । ଇଥିର୍‌ଲାଗି ମତଦାନ୍ କେନ୍ଦ୍ର ମାନ୍‌କେ ଭୋଟର୍‌ମାନେ ପହଁଚୁଛନ୍ । ଇ ଖେପେ ମୟୁର୍‌ଭଞ୍ଜ୍, ବାଲେଶ୍ୱର୍, ଭଦ୍ରକ୍, ଯାଜ୍‌ପୁର୍, କେନ୍ଦ୍ରାପଡ଼ା ଆର୍ ଜଗତ୍‌ସିଂହପୁର୍ ଲୋକ୍‌ସଭା ଆସନ୍ ଆର୍ ଇତାର୍ ଅଧୀନ୍‌ଥି ଥିବା ୪୨ ଟା ବିଧାନ୍‌ସଭା ଆସନ୍ ଲାଗି ଭୋଟ୍ ହେବା । ଇ ସବୁ ଜାଗା ନ ସଖାଲର୍ ୭ ବଜେନୁ ମତଦାନ୍ ମୁଲ୍ ହେଇକରି ସଞ୍ଜର୍ ୬ ବଜେତକ୍ ଚାଲ୍‌ବା । ସବୁ ମିଶିକରି ୯୯ ଲାଖ୍ ୬୧ ହଜାର୍ ୫୭ ଝନ୍ ମତଦାତା ଭୋଟ୍ ଦେବେ । ଇମାନ୍‌କର୍ ଭିତ୍‌ରେ ୫୦ ଲାଖ୍ ୮୮ ହଜାର୍ ୭୬ ଝନ୍ ପୁରୁଷ, ୪୮ ଲାଖ୍ ୭୨ ହଜାର୍ ୨ ଶହ ୯୪ ଝନ୍ ମହିଳା ଆର୍ ୬ ଶହ ୮୭ ଝନ୍ ତୃତୀୟଲିଙ୍ଗୀ ଭୋଟର୍ ଅଛନ୍ । ଇ ଖେପେ ୨ ଲାଖ୍ ୫୭ ହଜାର୍ ୩ ଶହ ୪୫

ଝନ୍ ପହେଲା କରି ଭୋଟ୍ ଦେବେ । ମତଦାନ୍ ଲାଗି ମୋଟ୍ ୧୦ ହଜାର୍ ୮ ଶହ ୮୨ ଟା ବୁଥ୍ କରାଯାଇଛେ । ଇତାର୍ ଭିତ୍ରେ ୧ ହଜାର୍ ୪ ଶହ ନୁ ଅଏତ୍କା ସଖୀ ବୁଥ୍ ରହିଛେ ।

ଶେଷ୍ ଖେପ୍ ଭୋଟ୍ ପୁଲିସ୍ ବ୍ୟବସ୍ଥା ଆର୍ଏନ୍ୟୁ /ସମ୍ବଲପୁର

ସେଆଡ଼େ ନିର୍ବାଚନ୍ ପ୍ରକ୍ରିୟା ଉପ୍ରେ ନଜର୍ ରଖ୍ବାର୍ ଲାଗି ୧୨ ଝନ୍ ସାଧାରଣ ପର୍ଯ୍ୟବେକ୍ଷକ୍, ୩ ଝନ୍ ପୁଲିସ୍ ପର୍ଯ୍ୟବେକ୍ଷକ୍ ଆର୍ ୧୮ ଝନ୍ ଖର୍ଚ୍ଚ ପର୍ଯ୍ୟବେକ୍ଷକ୍ ଅବସ୍ଥାପିତ୍ ହେଇଛନ୍ । ସୁରକ୍ଷାକେ ନଜର୍ଥି ରଖିକରି ଶହେ ୨୫ କମ୍ପାନୀ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ୍ ବଲ- ସିଏପିଏଫ୍ଙ୍କୁ ଷ୍ଟ୍ରଙ୍ଗ୍ ରୁମ୍ ସହେତେ ଭୋଟ୍ଗ୍ରହଣ୍ କେନ୍ଦ୍ରମାନ୍କେ ମୁତୟନ୍ କରାଯାଇଥିବାର୍ ବେଲେ ଯାଜ୍ପୁର୍ ଜିଲ୍ଲା ନ ଅଏତ୍କା ୧ କମ୍ପାନୀ ସିଏପିଏଫ୍ ମୁତୟନ୍ ରହେବେ ।

୭ ନମ୍ବର୍ ଖେପ୍ ନିର୍ବାଚନ୍-ଦେଶ ଆର୍ଏନ୍ୟୁ ସମ୍ବଲପୁର

ଦେଶେ ୭ ନମ୍ବର୍ ଖେପ୍ ସାଧାରଣ ନିର୍ବାଚନ୍‌ଥି ଆଏଜ୍ ଓଡ଼ିଶା ସହେତେ ୮ ଟା ରାଜ୍ୟ ଆଉ ଗୁଟେ କେନ୍ଦ୍ରଶାସିତ୍ ଅଂଚଲ୍‌ର ୫୭ ଟା ସଂସଦୀୟ କ୍ଷେତ୍ର ଲାଗି ଭୋଟ୍ ହେବା । ପଞ୍ଜାବ୍ ଆର୍ ଉତର୍‌ପ୍ରଦେଶ୍‌ର ୧୩ ଟା ଲେଖା, ପଶ୍ଚିମବଙ୍ଗ୍‌ର ୯ ଟା, ବିହାର୍‌ର ୮ ଟା, ହିମାଚଲ୍ ପ୍ରଦେଶ୍‌ର ୪ ଟା, ଝାର୍‌ଖଣ୍ଡର ୩ ଟା ଆର୍ କେନ୍ଦ୍ରଶାସିତ୍ ଅଂଚଲ୍ ଚଣ୍ଡିଗଡ୍‌ର ଗୁଟେ ଲୋକ୍‌ସଭା ଆସନ୍ ଲାଗି ଭୋଟ୍ ହେବା । ଇ ଖେପେ ସବୁ ମିଶିକରି ୯ ଶହ ୪ ଝନ୍ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ ।  ଆଏବା ୪ ତାରିଖ୍ ଦିନ ସବୁ ଖେପର୍ ଭୋଟ୍‌ଗନ୍ତି କରାଯିବା ।

ତାତି - ୩୬ ଜୀବନ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ତାତି ସହେତେ ଗୁଲ୍‌ଗୁଲି ଭିଲ୍ ବଢ଼ିଛେ । ଗଲାକାଏଲ୍‌ନୁ ୩୨ ଝନ୍‌କର୍ ଅଂଶୁଘାତ୍‌ଥି ମୃତ୍ୟୁ ହେଇଥିବାର୍ ଅଭିଯୋଗ୍ ହେଇଛେ । ଅଂଶୁଘାତ୍ ଲାଗି ରାଉର୍‌କେଲା ଆର୍ ସୁନ୍ଦର୍‌ଗଡ୍ ନ ୧୦ ଝନ୍, ସମ୍ବଲ୍‌ପୁର୍ ନ ୮, ଝାର୍‌ସୁଗୁଡ଼ା ନ ୩, ବଲାଙ୍ଗିର୍, ସୁବର୍ଣ୍ଣପୁର୍, କଲାହାଣ୍ଡି ଆର୍ ବୌଦ୍ଧ ନ ଝନେ ଲେଖା ଆର୍ ନୂଆପଡ଼ା ନ ୨ ଝନ୍‌କର୍ ଜୀବନ୍ ଯାଇଥିବାର୍ ଅଭିଯାଗ୍ ହେଇଛେ । ହେଲେ ସ୍ୱତନ୍ତ୍ର ରିଲିଫ୍ କମିଶନର୍ ଆର୍ ସ୍ୱାସ୍ଥ୍ୟ

ବିଭାଗ୍ ଅଧିକାରୀଙ୍କୁ ନେଇକରି ଗଠନ୍ କରାଯାଇଥିବାର୍ କମିଟି ଇ ମୃତ୍ୟୁ ମାନ୍କର୍ ଅନୁସନ୍ଧାନ୍ କର୍ବେ ।

ବଲାଙ୍ଗିର୍, ସୁବର୍ଣ୍ଣପୁର୍, ବର୍ଗଡ୍ ସହେତେ ୬ ଟା ଜିଲ୍ଲା ନ ଝନେ ଲେଖା ଲୁକ୍କର୍ ଅଂଶୁଘାତ୍‌ନୁ ମୃତ୍ୟୁ ହେଇଥିବାର୍ ଏସ୍ଆର୍ସିଙ୍କର୍ ତର୍ଫୁ ସୂଚ୍ନା ମିଲିଛେ ।

ଯୁକ୍ତ ଦୁଇ- ରିଚେକିଂ ଆର୍ଏନ୍ୟୁ / ସମ୍ବଲପୁର

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ୍ ପରିଚାଳିତ ଯୁକ୍ତ ଦୁଇ ପରୀକ୍ଷା ଫଳର ପୁନଃ ଯାଂଚ- ରିଚେକିଂ ଲାଗି ଆଏଜ୍‌ଠାନୁ ଆବେଦନ୍ ମୁଲ୍ ହେବା । କଳା, ବାଣିଜ୍ୟ, ବିଜ୍ଞାନ୍ ଆଉ ଧନ୍ଦାମୂଳକ୍ ବର୍ଗର୍ ଇଚ୍ଛୁକ ଛାତ୍ରଛାତ୍ରୀମାନେ ତାକର୍ ପରୀକ୍ଷାଫଳର ରିଚେକିଂ ଲାଗି ଆଏବା ୧୫ ତାରିଖ୍‌ତକ୍ ଆବେଦନ୍ କରିପାର୍ବେ ବଲି ପରିଷଦ୍ ତର୍ଫୁ କୁହାଯାଇଛେ । ଅନ୍‌ଲାଇନ୍‌ଥି ମୂଲ୍ୟାୟନ୍ ହେଇଥିବା ବିଷେ ମାନ୍କର୍ ସଫ୍ଟ କପି ଆବେଦନ୍‌କାରୀଙ୍କୁ ମେସେଜ୍ ଆର୍ ଇ-ମେଲ୍ ଲିଙ୍କ୍ ଜରିଏ ଇ ମାସର୍ ୧୦ ନୁ ୨୦ ତାରିଖ୍ ଭିତ୍ରେ ଦିଆଯିବା । ଆବେଦନ୍‌କାରୀମାନେ କି ସମିଆଥି ଲିଙ୍କ ନାଇଁ ପାଏଲେ ଇ ଅଲ୍‌ଗା ବୈଷୟିକ ତ୍ରୁଟି ଲାଗି ୨୨ ତାରିଖ୍‌ତକ୍ ସିଧାସଲଖ୍ ପରିଷଦ୍‌କେ

coechserecheck@gmail.com ଥି ଇ- ମେଲ୍ କରିପାର୍‌ବେ ।

ବିଶ୍ୱ ଦୁଗ୍ଧ ଦିବସ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ଦୁଗ୍ଧ ଆର୍ ଦୁଗ୍ଧଜାତ ଖାଏବାର୍ ଦରବ୍‌ର ମହତ୍ୱ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ଫି' ବଛର୍ ଜୁନ୍ ୧ ତାରିଖ୍ ଆଝିର୍ ଦିନ୍‌କେ ବିଶ୍ୱ ଦୁଗ୍ଧ ଦିବସ୍ ଭାବେ ପାଲନ୍ କରାଯାଉଛେ । ମିଲିତ ଜାତିସଂଘର୍ ଖାଦ୍ୟ ଆଉ କୃଷି ସଂଗଠନ୍ ତର୍‌ଫୁ ପହେଲା କରି ଇ ଦିବସ୍ ପାଲନ୍ କରାଯାଇଥିଲା । ଦୁଗ୍ଧ କି କ୍ଷୀର ମୁନୁଷ୍ ମାନ୍‌କର୍ ସୃଷ୍ଟିର୍ ଗୁଟେ ବଡ଼ ଉପହାର୍ । ମା କ୍ଷୀର ହେଉ କି ଗୁରସ୍, ସେଟା ଅମୃତ୍ ସହେତେ ସମାନ୍ । ଆଧୁନିକ ସମିଆଥି ସବୁ କ୍ଷେତ୍ର ବଦ୍‌ଲିଥିଲେ ଭି଼ଲ୍ କ୍ଷୀରର ଚାହିଦା ସବୁବେଲେ ରହିଆସିଛେ ଆଉ ଆଗ୍‌କେ ଭି଼ଲ୍ ରହେବା । ଆଗ୍‌ରୁ କ୍ଷୀର ଅଭାବ୍ ଦେଶ୍‌ମାନ୍‌କର୍ ଭିତ୍‌ରେ ରହିଥିବା - ଭାରତ୍‌ନ ଇହାଦେ ପୁର୍‌ଥିର୍ ୨୩ ପ୍ରତିଶତ୍ ଦୁଗ୍ଧ ଉତ୍ପାଦନ୍ କରାଯାଉଛେ ।

କୁଇଲା ବାଷ୍ପିକରଣ୍ ପ୍ରକଳ୍ପ ଆର୍‌ଏନ୍‌ୟୁ / ସମ୍ବଲପୁର

କୋଲ୍ ଇଣ୍ଡିଆ ଲିମିଟେଡ୍ ଆଉ ଭାରତ୍ ହେବି ଇଲେକ୍ଟ୍ରିକାଲ୍ ଲିମିଟେଡ୍ ତର୍‌ଫୁ ଓଡ଼ିଶା ନ କୁଇଲାନୁ ଆମୋନିୟମ୍ ନାଇଟ୍ରେଟ୍ ବାଷ୍ପିକରଣ ପ୍ରକଳ୍ପ ଲାଗି ଗଲା ଗୁରୁବାର୍ ଦିନ ଟେଣ୍ଡର୍ ଆହ୍ଵାନ୍ କରାଯାଇଛେ । ଇ ପ୍ରକଳ୍ପ ଲାଗି ୩ ଶହ ୫୦ ଏକଡ଼୍ ଜମି କୋଲ୍ ଇଣ୍ଡିଆ ଲିମିଟେଡ୍‌କେ ଦିଆଯାଇଛେ । ପ୍ରକଳ୍ପନୁ ଉତ୍ପାଦିତ ଆମୋନିୟମ୍ ନାଇଟ୍ରେଟ୍ ଅଫ୍ ଟେକ୍ ଉତ୍ପାଦ୍‌କେ କୋଲ୍ ଇଣ୍ଡିଆ ଖଣି ଖନନ୍‌ଥି ବେଭାର୍ କର୍‌ବାର୍ ଲାଗି ନେବା ।

ରାଜ୍ୟ ସିନିୟର୍ ବେଡ଼୍‌ମିଂଟନ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ସମ୍ବଲ୍‌ପୁର୍ ବୀର ସୁରେନ୍ଦ୍ର ସାଏ ଇନ୍‌ଡୋର୍ ହଲ୍ ଠାନେ ଓଡ଼ିଶା ରାଜ୍ୟ ରେଙ୍କିଙ୍ଗ୍ ବେଡ଼୍‌ମିଂଟନ୍ ପ୍ରତିଯୋଗିତା ଗଲାକାଏଲ୍ ଉଦ୍‌ଘାଟିତ୍ ହେଇଛେ । ଆଏବା ସୋମ୍‌ବାର୍‌ତକ୍ ହେବାର୍‌କେ ଥିବା ଇ ପ୍ରତିଯୋଗିତାଥି ଶହେ ୬୦ ଝନ୍ ବେଡ଼୍‌ମିଂଟନ୍ ଖେଲାଲୀ ଭାଗ୍ ନେଇଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ / ସମ୍ବଲପୁର

ସମ୍ବଲପୁର୍, ବର୍‌ଗଡ୍‌, ବଲାଙ୍ଗିର୍, ସୁବର୍ଣ୍ଣପୁର୍, ସୁନ୍ଦର୍‌ଗଡ୍ ଆର୍ ନୂଆପଡ଼ା ଜିଲ୍ଲା ନ ଗ୍ରୀଷ୍ମପ୍ରବାହ ଆଏଜ୍ ଭିଲ୍ ଜାରି ରହେବା । ହେଲେ ଝାର୍‌ସୁଗୁଡ଼ା ଜିଲ୍ଲାର୍ ଗୁଟେ ୨ ଟା ଜାଗା ନ ଜବର୍ ଖରା ହେବା ବଲି ଭାରତୀୟ ପାଣିପାଗ୍ ବିଭାଗ୍ ତର୍‌ଫୁ କୁହାଯାଇଛେ । ଇଥିର୍‌ଲାଗି ବିଭାଗ୍ ତର୍‌ଫୁ ଇ ଜିଲ୍ଲାମାନ୍‌କୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।

ଭୋଟ୍ ଗନ୍‌ତି ତଦାରଖ୍        ସମ୍ବଲପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ଜିଲ୍ଲା ନ ଶାନ୍ତିଶୃଙ୍ଖଲାର୍ ସହେତେ ଲୋକ୍‌ସଭା ଆଉ ବିଧାନ୍‌ସଭା ନିର୍ବାଚନ୍‌ର ଭୋଟ୍‌ଗନ୍‌ତି ଲାଗି ପ୍ରଶାସନ୍ ତର୍‌ଫୁ କର୍ମଚାରୀମାନ୍‌କର୍ ପ୍ରଶିକ୍ଷଣ୍ କାର୍ଯ୍ୟକ୍ରମ୍ ଜାରି ରହିଛେ । ଗଲାକାଏଲ୍ ସମ୍ବଲ୍‌ପୁର୍ ଜିଲ୍ଲାପାଲ୍ ଆଉ ରିଟର୍ଣ୍ଣିଂ ଅଧିକାରୀ ଅକ୍ଷୟ ସୁନୀଲ୍ ଅଗ୍ରୱାଲ୍ ଭୋଟ୍‌ଗନ୍‌ତିର୍ ଲାଗି ଚିହ୍ନଟ୍ କରାଯାଇଥିବାର୍ ଦେବ୍‌ଗଡ୍ ସର୍‌କାରୀ ପଲିଟେକ୍‌ନିକ୍ କଲେଜ୍, ଛେଣ୍ଡିପଦା ସ୍ୱୟଂଶାସିତ କଲେଜ, ଆଠ୍‌ମଲ୍ଲିକ୍‌ର ଆଠମଲ୍ଲିକ୍ କଲେଜ୍ ଆର୍ ରେଢ଼ାଖୋଲ୍‌ର ଭୀମଭୋଇ କଲେଜ୍‌କେ ଯାଇକରି ବ୍ୟବସ୍ଥାର୍ ତଦାରଖ୍ କରିଛନ୍ ।